# ସେବାଘର ପକ୍ଷରୁ ସାନିଟାଇଜ୍



କଟକ,୧୮/ଏନ୍ଏନ୍ଏସ୍: କଟକ ସହରରେ କରୋନା ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ସେବାଘର ପକ୍ଷରୁ ଘରକୁ ଘର ବୁଲି ସାନିଟାଇଜ୍ କରାଯାଉଛି । ସିଏମ୍‌ସି ପକ୍ଷରୁ ଘୋଷଣା ହୋଇଥିବା କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପ୍ରତ୍ୟେକ ଘର, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ସାନିଟାଇଜ୍ କରାଯିବା ସହ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ସାନିଟାଇଜ୍ କରାଯାଉଛି । ଗୁରୁବାର ସହରର ଚୌଧୁରୀବଜାର, ପିଠାପୁର, ସାଆନ୍ତସାହି, ବାଦାମବାଡ଼ି, ନ୍ୟୁ ଏଲ୍‌ଆଇସି କଲୋନୀ ଆଦି ବିଭିନ୍ନ ସାହି ବସ୍ତି ଅଞ୍ଚଳରେ ସାନିଟାଇଜ୍ କରାଯାଇଥିଲା । ଅନୁଷ୍ଠାନର ପକ୍ଷରୁ ବିନୟ କେତନ ଚୌଧୁରୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସହରର ବିଭିନ୍ନ ଅଞ୍ଚଳକୁ ସାନିଟାଇଜ୍ କରିଥିଲେ । ସୂଚନା ଯୋଗ୍ୟ ଯେ, ଚଳିତବର୍ଷ ମାର୍ଚ୍ଚ ୨୪ ତାରଖଠାରୁ କରୋନା ସଂକ୍ରମଣ ଦୃଷ୍ଟିରୁ ଲକ୍‌ଡାଉନ୍, ସଟ୍‌ଡାଉନ୍ ଆଦି ଜାରି କରାଯାଇଥିବାବେଳେ ସେବେଠାରୁ ଅନୁଷ୍ଠାନ ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳକୁ ପର୍ଯ୍ୟାୟକ୍ରମେ ସାନିଟାଇଜ୍ କାର୍ଯ୍ୟ ଜାରି ରହିଛି । ଏଥି ସହିତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଜନସାଧାରଣଙ୍କୁ କୋଭିଡ୍ କଟକଣା ସମ୍ପର୍କରେ ବୁଝାଇବା ସହ ନିଜେ ସଚେତନ ରହିଲେ କରୋନା ଭଳି ମହାମାରୀକୁ ଦୂରେଇ ଦେଇ ହେବା ନେଇ ସଚେତନ କରାଉଛନ୍ତି ।